# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 2079 CUTTACK, THURSDAY, NOVEMBER 17, 2016/KARTIKA 26, 1938**

**STATE ELECTION COMMISSION, ODISHA**

**TOSHALI BHAWAN, B-2, 1st FLOOR, SATYANAGAR, BHUBANESWAR - 751 007**

ORDER

The 16th November 2016

No. 4490—Ele.(GP)-05/2016-SEC.—Whereas, Article 243-E of the Constitution of India provides that, election to every Panchayat shall be completed before the expiry of their term of five years from the date appointed for their first meeting and the first meetings of the Grama Panchayats, Panchayat Samities and Zilla Parishads in the State were held as follows :

| | | |
|---|---|---|
| 1. Grama Panchayat | . . | 10-03-2012 |
| 2. Panchayat Samiti | . . | 11-03-2012 |
| 3. Zilla Parishad | . . | 13-03-2012 |

Whereas, it is necessary to hold election to the Panchayati Raj Institutions before the 10th March 2017, the 11th March 2017 and the 13th March 2017 respectively;

Whereas, the Collector of Nuapada has submitted the final list of Delimitation of Wards and Reservation of Seats of Grama Panchayats mentioned in Schedule-I to the State Election Commission;

Whereas, it is necessary to prepare Wardwise Electoral Roll of all Grama Panchayats of Nuapada mentioned in Schedule-I for conduct of the General Elections to the 3-Tiers of Panchayati Raj Institutions as the Electoral Roll prepared under Odisha Grama Panchayat Rules shall form the Final Electoral Roll of Panchayat Samiti and Zilla Parishad Constituency;

Whereas, the Electoral Roll prepared under the Odisha Grama Panchayat Election Rules including addition, deletion, revision or alteration, if any, shall be used as Electoral Roll for Panchayat Samiti and Zilla Parishad.

Now, therefore, the State Election Commission, in exercise of powers vested by virtue of Article 243-K of the Constitution of India, read with relevant provisions of Odisha Grama Panchayat Act, 1964, Odisha Panchayat Samiti Act, 1959 and Odisha Zilla Parishad Act, 1991 and Rules framed thereunder directs that Wardwise Electoral Roll of all Grama Panchayats of district Nuapada mentioned in Schedule-I shall be prepared in Form No.1 as per the programme in Schedule - II given below in accordance with the procedure given in Schedule -III of this Order.

The Commission also directs that the 1st November 2016 shall be the qualifying date for enrolment of new voters. All persons eligible to be voters by the qualifying date i.e. the 1st November 2016 shall have opportunity to file claims in appropriate form prescribed in Odisha Grama Panchayat Election Rules, 1965 for inclusion of their names in the Electoral Roll as per rules. The Commission further directs that claims of all qualified voters shall be disposed of in accordance with the procedure prescribed by the Commission and the new names to be added to the roll shall be entered in Form No. 1-A appended to this Order.

This order is available in the Commission's Website : www.secorissa.org.

## Schedule - I

| Sl. No. | Name of the District | Remarks |
|---|---|---|
| (1) | (2) | (3) |
| 1 | Nuapada | Excluding Parkod & Bhainsatal G.P. of Nuapada Block, Latkanpada, Kurumpuri, Rajana, Deodhara, Budhikomna, Soseng, Michhapali & Silati G.P. of Komna Block, Dohelpada, Khasbahal, Tukla & Rishigaon G.P. of Khariar Block, Bhainsadani, Litisargi & Karangamal G.P. of Boden Block, Godal & Hatibandha G.P. of Sinapali Block. |

## Schedule - II

PROGRAMME FOR PREPARATION AND PRINTING OF ELECTORAL ROLL FOR GENERAL ELECTION TO PRIs., 2017

| Sl. No. | Stages | | Dates |
|---|---|---|---|
| (1) | (2) | | (3) |
| 1 | Splitting of Electoral Roll of Assembly Constituency relatable to the Ward under * Section 9(2) and * Rule 5(1). | . . | 17-11-2016 to 22-11-2016. |
| 2 | Publication of preliminary Wardwise Electoral Roll at Grama Panchayat Headquarters under Rule 5(3). | . . | 23-11-2016 |
| 3 | Filing of claims and objections under Rule 5(5) | . . | Up to 30-11-2016 |
| 4 | Enquiry & disposal by Electoral Registration Officer under Rule 7(1). | . . | 01-12-2016 to 03-12-2016. |
| 5 | Inspection of the Draft Electoral Roll and filling of application if any, to the BDO against the decision of the ERO at 4 above and disposal of the applications by the BDO-*cum*-ERO under Rule 7(2). | . . | 05-12-2016 to 07-12-2016. |

| (1) | (2) | | (3) |
|---|---|---|---|
| 6 | Publication of Final Electoral Roll under Rule 8(1) | . . | 09-12-2016 |
| 7 | Submission of authenticated Final Electoral Roll under Rule 8(2) to the Commission. | . . | 12-12-2016 |
| 8 | Submission of printed copy to the Commission | . . | 17-12-2016 |

* The Act/Rules referred to above are as prescribed in the Odisha Grama Panchayat Act, 1964 and Odisha Grama Panchayat Election Rules, 1965.

**SCHEDULE - III**

PROCEDURE FOR PREPARATION OF THE ELECTORAL ROLL

1. The Collector as Electoral Registration Officer will be in overall charge of preparation and finalisation of Electoral Roll of respective Grama Panchayat / Panchayat Samiti/Zilla Parishad Constituencies.

2. Ordinarily, the Collector shall authorize the Block Development Officers to function as Electoral Registration Officer in respect of the Grama Panchayat Wards, Panchayat Samiti & Zilla Parishad Constituencies coming within her/ his area. She/he may also authorize Tahasildar as Electoral Registration Officer as a standby measure.

3. The Electoral Roll of Assembly Constituencies prepared and published by the Election Commission of India during January, 2016 and currently in force shall be the basis for preparation of the preliminary Wardwise Electoral Roll. For this purpose, the Electoral Roll of Assembly Constituency relatable to the Ward shall have to be split up into separate Electoral Roll for every Ward as per Rule 5(1) of Odisha Grama Panchayat Election Rules, 1965. The preliminary Electoral Roll shall be prepared in Form No.1 prescribed by the Commission under the seal and signature of the Electoral Registration Officer.

4. Any person who is qualified under the provisions of the Representation of the People Act, 1950 or the Odisha Grama Panchayat Act, 1964 to be registered as a voter in any Grama, shall be eligible to be registered in the Electoral Roll of a Ward and the name of a person who is disqualified under the provisions of the said Acts shall be liable for removal from the Electoral Roll of the said Ward.

5. All qualified voters shall have the opportunity to file claims in Form No.16 prescribed under Odisha Grama Panchayat Election Rules, 1965 for inclusion of their names in the Electoral Roll and can file objections in Form No.17 to the entry as per rules. In all cases receipt appended to the Forms has to be given to the claimants/ objectors.

6. The preliminary Electoral Roll of the Ward prepared in accordance with Rule 5(1) of Odisha Grama Panchayat Election Rules, 1965 shall be published by the Electoral Registration Officer at a conspicuous place at the Headquarters of the Grama Sasan together with a notice in Form No.2, in accordance with the provisions under Rule 5(3). Such notice shall also be published in the Noticeboard of Collector / Sub-Collector and in the concerned Panchayat Samiti.

6.1 It shall be ensured that the copies of preliminary Electoral Roll is kept open at Grama Panchayat Office for inspection by the public for entire period during filing of claims and objections.

7. The Electoral Registration Officers shall notify the date / time and place for disposal of the claims and objections received in Form Nos.16 & 17 under Odisha Grama Panchayat Election Rules, 1965.

7.1 The Electoral Registration Officer shall cause enquiry into all claims and objections under Rule 7(1) in a summary manner which shall be kept on record. Normally, the disposal of claims and objections should begin after the last date of filing of claims and objections.

7.2 When large number of claims and objections are received, preliminary enquiry can as well begin even during the period of filing of claims and objections by engaging other Government Officials at the disposal.

7.3 Other field Officials of the Government under whose jurisdiction the area falls may as well be associated.

7.4 However, no decision will be taken simply on the basis of the enquiry report without hearing the person concerned who has filed claims or objections.

7.5 On the scheduled date of hearing, the Electoral Registration Officer shall take into account the materials of enquiry and hear the person concerned. The contents of hearing be recorded in a summary manner. If the person concerned does not turn up on the scheduled date and time of hearing, the Electoral Registration Officer shall take appropriate decision taking into account the materials available before him and the fact of his absence at the time of hearing can as well be recorded.

7.6 Final decision of the Electoral Registration Officer in respect of each claim and objecction and to that effect findings in brief shall be kept in record.

8. After disposal of claims and objections filed before the Electoral Registration Officer, he will compile the same and will make necessary amendment to the Preliminary Electoral Roll. This draft Electoral Roll will be kept open for inspection in the Office of Grama Panchayat as well as in the Office of Panchayat Samiti for the period notified by the Commission.

9. Any person aggrieved to the decision of the ERO on his petition, can make an application to the Block Development Officer-*cum*-Electoral Registration Officer within the date given in Schedule-II. The application shall be received in the Block Office and to be acknowledged by giving receipt. A register should be maintained incorporating the name of the petitioner, name of the G.P., Ward No. and date of receipt.

10. The Block Development Officer-*cum*-Electoral Registration Officer shall conduct further enquiry under Rule 7(2) of the Odisha Grama Panchayat Election Rules, 1965. He shall peruse the record of the concerned Electoral Registration Officer and shall dispose of the application in the manner stated in Para. 7 of this instruction. Eligible names for enrolment shall appropriately be kept in Form No.1-A after which the draft Electoral Roll shall be made final.

10.1 The names figuring in Form 1-A shall appear at the bottom of the names in Form - I (after deletions) in the final roll of each Ward.

11. The name of the Polling Station shall be indicated in the Electoral Roll

12. The final Electoral Roll of each Ward shall be published under Rule 8(1) of the Odisha Grama Panchayat Election Rules, 1965.

13. Two bound copies of the final Electoral Roll as published by the Electoral Registration Officer Grama Panchayatwise duly authenticated by him shall be kept in his office and one copy thereof shall be sent to the Commission as per the dateline fixed.

14. The Electoral Roll has to be prepared both in Hard and Soft copy. The Soft copy of Electoral Roll is to be prepared Blockwise in C.D.

15. Printed Wardwise Electoral Roll, Grama Panchayatwise shall be duly authenticated by the Electoral Registration Officer in each page and submitted to the Commission along with C.D. through Special Messenger.

16. Each National Party/State Party (Odisha) shall be supplied with a copy of the same free of cost.

By order and in the name of
State Election Commission, Odisha

R. N. SAHU

Secretary

NOTICE OF FINAL PUBLICATION OF ELECTORAL ROLL

(Prescribed by State Election Commission, Odisha)

It is hereby notified that the Final Electoral Roll enclosed hereto prepared under Rule 7(4) of the Odisha Grama Panchayat Election Rules, 1965 with reference to the 1st November 2016 as the qualifying date, is hereby published and available in the office of the undersigned.

Electoral Registration Officer

Place ...................................

Date ....................................

Memo. No. .........................../SEC., Date ................................

Copy of the notice along with the Electoral Roll of all Wards of ................................ Grama Panchayat forwarded to the Noticeboard of the undersigned/concerned Grama Panchayat for publication.

Electoral Registration Officer

## ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶା

ତୋଷାଳୀ ଭବନ, ବି–୨, ପ୍ରଥମ ମହଲା, ସତ୍ୟନଗର, ଭୁବନେଶ୍ୱର–୭୫୧ ୦୦୭

ଆଦେଶ

ତାରିଖ ୧୬ ନଭେମ୍ବର ୨୦୧୬

ସଂଖ୍ୟା ୪୪୯୦–ରା.ନି.ଆ.—ଯେହେତୁ ଭାରତର ସଂବିଧାନର ଧାରା 243-E ଅନୁଯାୟୀ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଅବଧି ପ୍ରଥମ ବୈଠକଠାରୁ ୫ ବର୍ଷ ଶେଷ ହେବା ପୂର୍ବରୁ ନିର୍ବାଚନ ହେବା ଆବଶ୍ୟକ । ରାଜ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ପ୍ରଥମ ବୈଠକ ନିମ୍ନାନୁସାରେ ଅନୁଷ୍ଠିତ ହୋଇଥିଲା :—

| | | |
|---|---|---|
| ୧ । ଗ୍ରାମ ପଞ୍ଚାୟତ | . . | ୧୦–୦୩–୨୦୧୨ |
| ୨ । ପଞ୍ଚାୟତ ସମିତି | . . | ୧୧–୦୩–୨୦୧୨ |
| ୩ । ଜିଲ୍ଲା ପରିଷଦ | . . | ୧୩–୦୩–୨୦୧୨ |

ଯେହେତୁ ଉପରୋକ୍ତ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସାଧାରଣ ନିର୍ବାଚନ ଯଥାକ୍ରମେ ତା ୧୦ ମାର୍ଚ୍ଚ ୨୦୧୭ରିଖ, ତା ୧୧ ମାର୍ଚ୍ଚ ୨୦୧୭ରିଖ ଓ ତା ୧୩ ମାର୍ଚ୍ଚ ୨୦୧୭ରିଖ ପୂର୍ବରୁ ହେବା ଆବଶ୍ୟକ ;

ଯେହେତୁ ନୂଆପଡା ଜିଲ୍ଲାର ଜିଲ୍ଲାପାଳ ନିୟମାନୁସାରେ ଅନୁସୂଚୀ–୧ରେ ଦର୍ଶାଯାଇଥିବା ୱାର୍ଡର ସୀମା ନିର୍ଦ୍ଧାରଣ ଓ ଆସନ ଆରକ୍ଷଣର ଚୂଡାନ୍ତ ତାଲିକା ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରିଛନ୍ତି ;

ଯେହେତୁ ଅନୁସୂଚୀ–୧ରେ ଦର୍ଶାଯାଇଥିବା ଜିଲ୍ଲାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ ନିର୍ବାଚନ ନିମିତ୍ତ ସମସ୍ତ ଗ୍ରାମପଞ୍ଚାୟତର ୱାର୍ଡୱାରୀ ଭୋଟର ତାଲିକା, ଓଡ଼ିଶା ଗ୍ରାମପଞ୍ଚାୟତ ନିୟମ ଅନୁଯାୟୀ ପ୍ରସ୍ତୁତ କରାଯିବା ଆବଶ୍ୟକ ଯାହା ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ନିର୍ବାଚନମଣ୍ଡଳୀ ପାଇଁ ଚୂଡାନ୍ତ ଭୋଟର ତାଲିକା ହେବ ;

ଯେହେତୁ ଗ୍ରାମ ପଞ୍ଚାୟତ ନିର୍ବାଚନ ନିୟମ ଅନୁଯାୟୀ ଯୋଗ, ବିୟୋଗ, ସଂଶୋଧନ ତଥା ପରିବର୍ତ୍ତନକୁ ବିଚାର କରି ଗ୍ରାମପଞ୍ଚାୟତ ପାଇଁ ପ୍ରସ୍ତୁତ ୱାର୍ଡୱାରୀ ଚୂଡାନ୍ତ ଭୋଟର ତାଲିକା ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ନିର୍ବାଚନମଣ୍ଡଳୀର ଚୂଡାନ୍ତ ଭୋଟର ତାଲିକା ହେବ ।

ଭାରତର ସମ୍ବିଧାନର ଧାରା 243-K, ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ ୧୯୬୪, ଓଡ଼ିଶା ପଞ୍ଚାୟତ ସମିତି ଅଧିନିୟମ ୧୯୫୯ ଓ ଓଡ଼ିଶା ଜିଲ୍ଲା ପରିଷଦ ଅଧିନିୟମ ୧୯୯୧ ଏବଂ ତଦ୍ ସମ୍ବନ୍ଧୀୟ ନିୟମଗୁଡ଼ିକ ଦ୍ୱାରା ଅର୍ପିତ କ୍ଷମତା ବଳରେ ରାଜ୍ୟ ନିର୍ବାଚନ ଆୟୋଗ ଅନୁସୂଚୀ–୧ରେ ଦର୍ଶାଯାଇଥିବା ଜିଲ୍ଲା ଗୁଡ଼ିକର ସଂପୃକ୍ତ ଗ୍ରାମପଞ୍ଚାୟତର ୱାର୍ଡୱାରୀ ଭୋଟ ତାଲିକା ସଂଲଗ୍ନ ଫାରମ ନଂ.1ରେ ଅନୁସୂଚୀ–୨ରେ ଦର୍ଶାଯାଇଥିବା କାର୍ଯ୍ୟସୂଚୀ ଅନୁସାରେ ଓ ଅନୁସୂଚୀ – ୩ରେ ଦର୍ଶାଯାଇଥିବା କ୍ରିୟାବିଧି ଅନୁସାରେ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି ।

ରାଜ୍ୟ ନିର୍ବାଚନ କମିଶନ ମଧ୍ୟ ତା ୧ ନଭେମ୍ବର ୨୦୧୬ରିଖକୁ ଯୋଗ୍ୟ ତାରିଖ ରୂପେ ଭୋଟର ତାଲିକାରେ ନୂତନ ଭୋଟରଙ୍କ ନାମ ଦରଜ କରିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି । ତା ୧ ନଭେମ୍ବର ୨୦୧୬ରିଖ ସୁଦ୍ଧା ୧୮ ବର୍ଷ ସମ୍ପୂର୍ଣ୍ଣ ହୋଇଥିବା ଯୋଗ୍ୟ ବ୍ୟକ୍ତି ଓଡ଼ିଶା ଗ୍ରାମ ପଞ୍ଚାୟତ ନିର୍ବାଚନ ନିୟମାବଳୀ ୧୯୬୫ ଦ୍ୱାରା ନିର୍ଦ୍ଧାରିତ ଫାରମରେ ନିଜ ନାମ ଭୋଟର ତାଲିକାରେ ନିୟମାନୁସାରେ ଦରଜ କରିବା ନିମନ୍ତେ ଦାବି କରିପାରିବେ । କମିଶନ ପୁନର୍ବାର ନିର୍ଦ୍ଦେଶ ଦେଉଅଛନ୍ତି ଯେ ସମସ୍ତ ଯୋଗ୍ୟ ଭୋଟରମାନଙ୍କ ଦାବି କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ରିୟାବିଧି ଅନୁସାରେ ଫଇସଲା ହେବ ଏବଂ ନୂତନ ନାମଗୁଡ଼ିକ ଭୋଟର ତାଲିକାରେ ଏହି ଆଦେଶର ସଂଲଗ୍ନ ଫାରମ ନଂ. 1-Aରେ ଦରଜ ହେବ ।

ଏହି ଆଦେଶ କମିଶନଙ୍କ ୱେବସାଇଟ୍ www.secorissa.org.ରେ ଉପଲବ୍ଧ ।

### ଅନୁସୂଚୀ – ୧

| କ୍ର. ନଂ. | ଜିଲ୍ଲାର ନାମ | ବ୍ଲକର ନାମ | ଗ୍ରାମ ପଞ୍ଚାୟତର ନାମ |
|---|---|---|---|
| (୧) | (୨) | (୩) | (୪) |
| ୧ | ନୂଆପଡା | ନୂଆପଡା | ପାରକୋଡ, ଭଇନସତାଲ ବ୍ୟତୀତ |
| | | କୋମନା | ଲଟ୍‌କନ୍‌ପଡା, କୁରୁମପୁରି, ରଜନ, ଦେଓଧର, ବୁଢ଼ିକୋମ୍‌ନା, ସୋସେଙ୍ଗ, ମିଛପାଲି, ସିଆଲଟି ବ୍ୟତୀତ । |
| | | ଖରିଆର | ଦୋହେଲପଡା, ଖସବାହାଲ, ଡୁକ୍‌ଲା, ରିସିଗାଁ ବ୍ୟତୀତ |
| | | ବୋଡେନ | ଭଇଁସଦାନି, ଲିଟିସରଗି, କରଙ୍ଗମାଳ ବ୍ୟତୀତ |
| | | ସିନାପାଲି | ଗୋଦଲ, ହାତୀବନ୍ଧ ବ୍ୟତୀତ |

ଅନୁସୂଚୀ – ୨

## ପଞ୍ଚାୟତ ସାଧାରଣ ନିର୍ବାଚନ ୨୦୧୭ ପରିପ୍ରେକ୍ଷୀରେ ଭୋଟର ତାଲିକା ପ୍ରସ୍ତୁତିକରଣର କାର୍ଯ୍ୟସୂଚୀ

| କ୍ର. ନଂ. | ବିଷୟ | ତାରିଖ |
|---|---|---|
| (୧) | (୨) | (୩) |
| ୧ | ବିଧାନ ସଭାର ଭୋଟର ତାଲିକାକୁ * ଧାରା ୯(୨) ଓ * ନିୟମ ୫(୧) ଅନୁଯାୟୀ ୱାର୍ଡୱାରୀ ବିଭକ୍ତିକରଣ (Splitting)। | ୧୭–୧୧–୨୦୧୬ ଠାରୁ ୨୨–୧୧–୨୦୧୬ ପର୍ଯ୍ୟନ୍ତ। |
| ୨ | ପ୍ରାଥମିକ ଭୋଟର ତାଲିକା ନିୟମ ୫(୩) ଅନୁଯାୟୀ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ପ୍ରକାଶନ। | ୨୩–୧୧–୨୦୧୬ |
| ୩ | ଦାବି ଓ ଆପତ୍ତି ନିୟମ ୫(୫) ଅନୁଯାୟୀ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ପାଖରେ ଦାଖଲ। | ୩୦–୧୧–୨୦୧୬ ପର୍ଯ୍ୟନ୍ତ |
| ୪ | ଦାବି ଓ ଆପତ୍ତିଗୁଡିକର ନିୟମ ୭(୧) ଅନୁଯାୟୀ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ଦ୍ଵାରା ତଦନ୍ତ ଓ ଫଇସଲା । | ୦୧–୧୨–୨୦୧୬ ଠାରୁ ୦୩–୧୨–୨୦୧୬ ପର୍ଯ୍ୟନ୍ତ। |
| ୫ | ଚିଠା ଭୋଟର ତାଲିକା ନିରୀକ୍ଷଣ ଓ ଉପର – ୪ରେ ଦର୍ଶାଯାଇଥିବା ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ନିଷ୍ପତ୍ତି ବିପକ୍ଷରେ, ଯଦି ଥାଏ, ବି.ଡି.ଓ.ଙ୍କୁ ଦରଖାସ୍ତ ପ୍ରଦାନ ଓ ବି.ଡି.ଓ. ତଥା ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ଦ୍ଵାରା ନିୟମ ୭(୨) ଅନୁଯାୟୀ ଦରଖାସ୍ତ ଫଇସଲା। | ୦୫–୧୨–୨୦୧୬ ଠାରୁ ୦୭–୧୨–୨୦୧୬ ପର୍ଯ୍ୟନ୍ତ। |
| ୬ | ଚୂଡାନ୍ତ ଭୋଟର ତାଲିକା ନିୟମ ୮(୧) ଅନୁଯାୟୀ ପ୍ରକାଶନ | ୦୯–୧୨–୨୦୧୬ |
| ୭ | ଅଧିଗୃହିତ ଚୂଡାନ୍ତ ଭୋଟର ତାଲିକା ରାଜ୍ୟ ନିର୍ବାଚନ କମିଶନଙ୍କୁ ପ୍ରେରଣ | ୧୨–୧୨–୨୦୧୬ |
| ୮ | ମୁଦ୍ରିତ ଚୂଡାନ୍ତ ଭୋଟର ତାଲିକା ରାଜ୍ୟ ନିର୍ବାଚନ ଆୟୋଗଙ୍କ ପାଖକୁ ପ୍ରେରଣ | ୧୭–୧୨–୨୦୧୬ |

* ଉପରୋକ୍ତ ଅଧିନିୟମ ଓ ନିୟମଗୁଡିକ ଓଡ଼ିଶା ଗ୍ରାମପଞ୍ଚାୟତ ଅଧିନିୟମ, ୧୯୬୪ ଓ ଓଡ଼ିଶା ଗ୍ରାମପଞ୍ଚାୟତ ନିର୍ବାଚନ ନିୟମାବଳୀ, ୧୯୬୫ ଅନ୍ତର୍ଭୁକ୍ତ ଅଟେ।

ଅନୁସୂଚୀ – ୩

## ଭୋଟର ତାଲିକା ପ୍ରସ୍ତୁତିପାଇଁ କ୍ରିୟାବିଧି

୧। ଜିଲ୍ଲାପାଳ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ଭାବେ ସଂପୃକ୍ତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ମଣ୍ଡଳୀର ଭୋଟର ତାଲିକା ପ୍ରସ୍ତୁତି ଓ ଚୂଡାନ୍ତ କାର୍ଯ୍ୟର ସାମୂହିକ ଭାବେ ଦାୟିତ୍ଵ ତୁଲାଇବେ।

୨। ସାଧାରଣତଃ ଜିଲ୍ଲାପାଳ, ବ୍ଲକ ଉନ୍ନୟନ ଅଧିକାରୀମାନଙ୍କୁ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ଭାବେ ତାଙ୍କ ପରିସରଭୁକ୍ତ ଗ୍ରାମ ପଞ୍ଚାୟତ ୱାର୍ଡ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ ମଣ୍ଡଳୀପାଇଁ ପ୍ରାଧିକୃତ କରିଥାନ୍ତି। ସେ ମଧ୍ୟ ତହସିଲଦାରମାନଙ୍କୁ ସହାୟ (Standby) ଭାବେ ପ୍ରାଧିକୃତ କରିପାରନ୍ତି।

୩। ନିର୍ବାଚନ କମିଶନ, ଭାରତଙ୍କ ଦ୍ଵାରା ଜାନୁୟାରୀ ୨୦୧୬ରେ ପ୍ରସ୍ତୁତ ଓ ପ୍ରକାଶିତ ବିଧାନ ସଭାର ଭୋଟର ତାଲିକା ବର୍ତ୍ତମାନ ପ୍ରଚଳିତ, ୱାର୍ଡୱାରୀ ପ୍ରାଥମିକ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ଆଧାର ରୂପେ ଗ୍ରହଣ କରାଯିବ। ଏହି ଉଦ୍ଦେଶ୍ୟରେ ସଂପୃକ୍ତ ବିଧାନ ସଭା ଭୋଟର ତାଲିକାକୁ ଓଡ଼ିଶା ଗ୍ରାମ ପଞ୍ଚାୟତ ନିର୍ବାଚନ ନିୟମାବଳୀ, ୧୯୬୫ ଅନ୍ତର୍ଗତ ନିୟମ ୫(୧) ଅନୁଯାୟୀ ପ୍ରତ୍ୟେକ ୱାର୍ଡ ପାଇଁ ପୃଥକ ଭୋଟର ତାଲିକା କରାଯିବ। ପ୍ରାଥମିକ ଭୋଟର ତାଲିକା କମିଶନଙ୍କ ଦ୍ଵାରା ସ୍ଥିରୀକୃତ ଫାରମ ନଂ. ୧ରେ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ମୋହର ଓ ସ୍ଵାକ୍ଷର ଥାଇ ପ୍ରସ୍ତୁତ ହେବ।

୪। କୌଣସି ବ୍ୟକ୍ତି ଯେ କି ଲୋକପ୍ରତିନିଧି ଅଧିନିୟମ ୧୯୫୦ ଓ ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ ୧୯୬୪ ଅନୁସାରେ କୌଣସି ଗ୍ରାମ ପଞ୍ଚାୟତର ଭୋଟର ହିସାବରେ ତାଲିକାଭୁକ୍ତ ହେବା ପାଇଁ ଯୋଗ୍ୟଥିବେ, ସଂପୃକ୍ତ ୱାର୍ଡର ଭୋଟର ତାଲିକାରେ ତାଙ୍କର ନାମ ଦରଜ ହେବ ଓ ଯେଉଁ ବ୍ୟକ୍ତି ଉକ୍ତ ଅଧିନିୟମ ଅନୁସାରେ ଅଯୋଗ୍ୟ ଥିବେ ତାଙ୍କର ନାମ ସଂପୃକ୍ତ ଭୋଟର ତାଲିକାରୁ ବାଦ ଦିଆଯିବ।

୫ । ସମସ୍ତ ଯୋଗ୍ୟ ଭୋଟର ଓଡ଼ିଶା ଗ୍ରାମ ପଞ୍ଚାୟତ ନିୟମାବଳୀ ୧୯୬୫ ଦ୍ୱାରା ଉଦ୍ଦିଷ୍ଟ ଫାରମ ୧୬ ଅନୁସାରେ ସେମାନଙ୍କର ନାମ ଭୋଟର ତାଲିକାରେ ଦରଜ କରିପାରିବେ ଓ କୌଣସି ଦରଜ ପାଇଁ ଆପତ୍ତି ଥିଲେ ନିୟମ ଅନୁସାରେ ଫାରମ ୧୭ରେ ଆବେଦନ କରିପାରିବେ । ପ୍ରତ୍ୟେକ କ୍ଷେତ୍ରରେ ଫାରମରେ ସଂଯୁକ୍ତ ରସିଦକୁ ଅଭିଯୋଗକାରୀ/ଆବେଦନକାରୀଙ୍କୁ ଦିଆଯିବ ।

୬ । ଓଡ଼ିଶା ଗ୍ରାମ ପଞ୍ଚାୟତ ନିର୍ବାଚନ ନିୟମାବଳୀ ୧୯୬୫ ଅନ୍ତର୍ଗତ ନିୟମ ୫(୧) ଅନୁସାରେ ପ୍ରସ୍ତୁତ ପ୍ରାଥମିକ ଭୋଟର ତାଲିକା ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତର ସଦର ମହକୁମାର ସମସ୍ତେ ଦେଖିପାରିଲା ଭଳି (conspicuous) ସ୍ଥାନରେ ନିୟମ ୫(୩) ଅନୁଯାୟୀ ଫାରମ ୨ରେ ନୋଟିସ ଦିଆଯିବ । ଉକ୍ତ ନୋଟିସ ମଧ୍ୟ ଜିଲ୍ଲାପାଳ, ଉପ–ଜିଲ୍ଲାପାଳ ଓ ସଂପୃକ୍ତ ପଞ୍ଚାୟତ ସମିତିର ବିଜ୍ଞପ୍ତି ଫଳକ (ନୋଟିସ ବୋର୍ଡ)ରେ ପ୍ରକାଶିତ ହେବ ।

୬.୧ । ଦାବି ଓ ଆପତ୍ତି ଆହ୍ୱାନ କରାଯାଉଥିବା ଉଦ୍ଦିଷ୍ଟ ସମଗ୍ର ମିଆଦକାଳରେ ପ୍ରାଥମିକ ଭୋଟର ତାଲିକାର ନକଲକୁ ସର୍ବସାଧାରଣଙ୍କ ନିରୀକ୍ଷଣ ପାଇଁ ଗ୍ରାମପଞ୍ଚାୟତ ଅଫିସରେ ରଖାଯିବ ।

୭ । ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ଓଡ଼ିଶା ଗ୍ରାମପଞ୍ଚାୟତ ନିର୍ବାଚନ ନିୟମାବଳୀ ୧୯୬୫ ଅନୁସାରେ ଫାରମ ୧୬ ଏବଂ ୧୭ ଦ୍ୱାରା ଗ୍ରହଣ କରିଥିବା ଦାବି ଓ ଆପତ୍ତିଗୁଡିକ କେଉଁ ତାରିଖ, ସମୟ ଓ ସ୍ଥାନରେ ଫଇସଲା କରାଯିବ ତାହା ଅଧିସୂଚିତ କରିବେ ।

୭.୧ । ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ସମସ୍ତ ଆପତ୍ତି ଓ ଅଭିଯୋଗଗୁଡିକ ସଂକ୍ଷିପ୍ତ ଭାବେ ତଦନ୍ତ କରିବେ ଓ ସମସ୍ତ ନିଷ୍ପତ୍ତି ଲିଖିତ ଭାବେ ରଖିବେ । ସାଧାରଣତଃ ଦାବି ଓ ଆପତ୍ତିଗୁଡିକର ଫଇସଲା ଦାବି ଓ ଆପତ୍ତି ଦାଖଲର ଶେଷ ତାରିଖ ପରେ ଆରମ୍ଭ ହେବ ।

୭.୨ । ଯେତେବେଳେ ଗ୍ରହଣ କରାଯାଇଥିବା ଦାବି ଓ ଆପତ୍ତିଗୁଡିକର ସଂଖ୍ୟା ଅଧିକ ହେବ, ସେ କ୍ଷେତ୍ରରେ ଦାବି ଓ ଆପତ୍ତି ଗ୍ରହଣ କରିବା ମିଆଦକାଳରେ ମଧ୍ୟ ତାଙ୍କ ଅଧୀନରେ ଥିବା ଅନ୍ୟ କର୍ମଚାରୀମାନଙ୍କ ଦ୍ୱାରା ପ୍ରାଥମିକ ତଦନ୍ତ କାର୍ଯ୍ୟ ଆରମ୍ଭ କରିପାରିବେ ।

୭.୩ । ସରକାରୀ କ୍ଷେତ୍ର କର୍ମଚାରୀ ଯାହାଙ୍କ ଅଧୀନରେ ଉକ୍ତ ଅଞ୍ଚଳ ଅନ୍ତର୍ଭୁକ୍ତ ତାଙ୍କୁ ଉକ୍ତ କାର୍ଯ୍ୟରେ ସମ୍ପୃକ୍ତ କରାଯାଇପାରିବ ।

୭.୪ । ଦାଖଲ କରାଯାଇଥିବା ଦାବି ଓ ଆପତ୍ତିଗୁଡିକୁ ବିନା ଶୁଣାଣିରେ ସାଧାରଣ ତଦନ୍ତକୁ ଭିତ୍ତି କରି କୌଣସି ନିଷ୍ପତ୍ତି ନିଆଯିବ ନାହିଁ ।

୭.୫ । ଶୁଣାଣି ପାଇଁ ସ୍ଥିରୀକୃତ ତାରିଖରେ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ତଦନ୍ତ ଓ ବ୍ୟକ୍ତିବିଶେଷଙ୍କ ଶୁଣାଣିକୁ ଗ୍ରହଣ କରିବେ । ଶୁଣାଣିର ବିଷୟ ସଂକ୍ଷିପ୍ତ ଭାବେ ଲିପିବଦ୍ଧ ହେବ, ଯଦି ଦାବି/ଆପତ୍ତିକାରୀ ଶୁଣାଣିର ସ୍ଥିରୀକୃତ ତାରିଖ ଓ ସମୟରେ ଅନୁପସ୍ଥିତ ରହନ୍ତି, ତେବେ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ତାଙ୍କ ପାଖରେ ଥିବା ତଥ୍ୟ ଅନୁଯାୟୀ ଯଥାଯଥ ନିଷ୍ପତ୍ତି ନେବେ ଓ ଶୁଣାଣି ସମୟରେ ତାଙ୍କର ଅନୁପସ୍ଥିତ ବିଷୟ ଲିପିବଦ୍ଧ କରିବେ ।

୭.୬ । ପ୍ରତ୍ୟେକ ଦାବି/ଆପତ୍ତିର ଚୂଡାନ୍ତ ନିଷ୍ପତ୍ତି ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ଲିପିବଦ୍ଧ କରିବେ ।

୮ । ଦାବି/ଆପତ୍ତିଗୁଡିକର ଫଇସଲା ପରେ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ସେଗୁଡିକୁ ସଂକଳନ କରିବେ ଓ ପ୍ରାଥମିକ ଭୋଟର ତାଲିକାରେ ଆବଶ୍ୟକୀୟ ସଂଶୋଧନ କରିବେ । ଏହି ଚିଠା ଭୋଟର ତାଲିକା ନିରୀକ୍ଷଣ ପାଇଁ କମିଶନଙ୍କ ଦ୍ୱାରା ସ୍ଥିରୀକୃତ ତାରିଖ ମଧ୍ୟରେ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଅଫିସରେ ରଖାଯିବ ।

୯ । କୌଣସି ବ୍ୟକ୍ତି ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ନିଷ୍ପତ୍ତି ବିରୁଦ୍ଧରେ ଅସନ୍ତୁଷ୍ଟ ହେଲେ ବ୍ଲକ ଉନ୍ନୟନ ଅଧିକାରୀ ତଥା ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କୁ ଅନୁସୂଚୀ–୨ରେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଦରଖାସ୍ତ ଦେବେ । ଉକ୍ତ ଦରଖାସ୍ତ ବ୍ଲକ୍ ଅଫିସରେ ଗ୍ରହଣ କରାଯିବ ଓ ପ୍ରାପ୍ତି ସ୍ୱୀକାର ପାଇଁ ରସିଦ ପ୍ରଦାନ କରାଯିବ । ଆବେଦନକାରୀଙ୍କ ନାମ, ପଞ୍ଚାୟତର ନାମ, ୱାର୍ଡ ନଂ. ଓ ଗ୍ରହଣ କରାଯାଇଥିବା ତାରିଖକୁ ଲିପିବଦ୍ଧ କରିବା ନିମନ୍ତେ ଏକ ରେଜିଷ୍ଟର ବ୍ୟବହାର କରାଯିବ ।

୧୦ । ବ୍ଲକ୍ ଉନ୍ନୟନ ଅଧିକାରୀ ତଥା ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ଗ୍ରାମ ପଞ୍ଚାୟତ ନିର୍ବାଚନ ନିୟମାବଳୀ ୧୯୬୫ର ନିୟମ ୭(୨) ଅନୁଯାୟୀ ପୁନଃ ତଦନ୍ତ କରିବେ । ସେ ସଂପୃକ୍ତ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ କାଗଜପତ୍ର ଦେଖିବେ ଓ ଏହି ନିର୍ଦ୍ଦେଶାବଳୀର ୭ ଅନୁଚ୍ଛେଦ ଅନୁଯାୟୀ ଦରଖାସ୍ତ ଫଇସଲା କରିବେ । ଯୋଗ୍ୟ ନାମଗୁଡିକ ଫାରମ ନଂ. 1-Aରେ ଲିପିବଦ୍ଧ କରିବା ପରେ ଚିଠା ଭୋଟର ଚୂଡାନ୍ତ ହେବ ।

୧୦.୧ । ଭୋଟର ତାଲିକାରେ ଫାରମ 1-A ଥିବା ନାମଗୁଡିକ ଫାରମ 1ରେ ଥିବା ନାମ ତଳେ ରହିବ ।

୧୧ । ମତଦାନ କେନ୍ଦ୍ରର ନାମ ଭୋଟର ତାଲିକାରେ ସ୍ଥାନ ପାଇବ ।

୧୨। ଓଡ଼ିଶା ଗ୍ରାମ ପଞ୍ଚାୟତ ନିର୍ବାଚନ ନିୟମାବଳୀ ୧୯୬୫ର ନିୟମ ୮(୧) ଅନୁଯାୟୀ ପ୍ରତ୍ୟେକ ୱାର୍ଡର ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ କରାଯିବ।

୧୩। ଚୂଡାନ୍ତ ଭୋଟର ତାଲିକାର ଗ୍ରାମ ପଞ୍ଚାୟତୱାରୀ ଦୁଇଟି ବନ୍ଧେଇସହ ନକଲ ଅନୁପ୍ରମାଣିତ ହୋଇ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ଅଫିସରେ ରହିବ ଓ ଗୋଟିଏ ନକଲ ଧାର୍ଯ୍ୟ ତାରିଖ ମଧ୍ୟରେ କମିଶନଙ୍କ ପାଖକୁ ପଠାଯିବ।

୧୪। ଭୋଟର ତାଲିକା ଉଭୟ ହାର୍ଡ କପି ଓ ସଫ୍ଟ କପି (Hard copy & Soft copy) ପ୍ରସ୍ତୁତ କରାଯିବ। ଭୋଟର ତାଲିକାର ସଫ୍ଟ କପି ବ୍ଲକ୍‌ୱାରୀ ସି.ଡି.ରେ ପ୍ରସ୍ତୁତ ହେବ।

୧୫। ଗ୍ରାମ ପଞ୍ଚାୟତୱାରୀ ଭୋଟର ତାଲିକା ମୁଦ୍ରଣ ପରେ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ଦ୍ୱାରା ପ୍ରତ୍ୟେକ ପୃଷ୍ଠାରେ ଅନୁପ୍ରମାଣିତ (Authenticated) ହୋଇ ଗୋଟିଏ ଲେଖାଏଁ ହାର୍ଡ କପି ଓ ସଫ୍ଟ କପି (Hard copy & Soft copy) ଧାର୍ଯ୍ୟ ତାରିଖ ମଧ୍ୟରେ ସ୍ୱତନ୍ତ୍ର ପତ୍ର ବାହକ ଦ୍ୱାରା କମିଶନଙ୍କ ପାଖରେ ଦାଖଲ କରିବେ।

୧୬। ପ୍ରତ୍ୟେକ ଜାତୀୟ ଓ ରାଜ୍ୟସ୍ତରୀୟ (ଓଡ଼ିଶା) ଦଳଙ୍କୁ ଗୋଟିଏ ଲେଖାଏଁ ନକଲ ବିନା ମୂଲ୍ୟରେ ପ୍ରଦାନ କରାଯିବ।

ଓଡ଼ିଶା ରାଜ୍ୟ ନିର୍ବାଚନ କମିଶନଙ୍କ
ଆଦେଶାନୁସାରେ ଓ ନାମାନୁସାରେ

**ରବିନ୍ଦ୍ର ନାଥ ସାହୁ**

ସଚିବ

## ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ପାଇଁ ବିଜ୍ଞପ୍ତି

(ରାଜ୍ୟ ନିର୍ବାଚନ କମିଶନ, ଓଡ଼ିଶାଙ୍କ ଦ୍ୱାରା ବିହିତ)

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଅଧିସୂଚିତ ହେଉଅଛି ଯେ ଓଡ଼ିଶା ଗ୍ରାମ ପଞ୍ଚାୟତ ନିର୍ବାଚନ ନିୟମାବଳୀ, ୧୯୬୫ ଅନ୍ତର୍ଗତ ନିୟମ ୭(୪) ଅନୁଯାୟୀ ଓ ତା ୧ ନଭେମ୍ବର ୨୦୧୬ରିଖକୁ ଯୋଗ୍ୟ ତାରିଖକୁ ଗ୍ରହଣ କରି ପ୍ରସ୍ତୁତ ସଂଲଗ୍ନିତ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଅଛି ଏବଂ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ନିରୀକ୍ଷଣ ପାଇଁ ଉପଲବ୍ଧ ଅଟେ।

ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର

ସ୍ଥାନ ..................................

ତାରିଖ ................................

........................... ଗ୍ରାମ ପଞ୍ଚାୟତର ସମସ୍ତ ୱାର୍ଡର ଭୋଟର ତାଲିକା ବିଜ୍ଞପ୍ତିର ନକଲ ସହିତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟର ବିଜ୍ଞପ୍ତି ଫଳକ/ସଂପୃକ୍ତ ଗ୍ରାମ ପଞ୍ଚାୟତକୁ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା।

ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1499—173+500